# Akashvani, Sambalpur

## SAMBALPURI NEWS EVENING BULLETIN

## 4 January 2026 - 7.02 pm- 7.12 pm.

*******************************************

୧- ଆମ ବସ୍ ଡ୍ରାଇଭର୍‌ଙ୍କର୍ ଦକ୍ଷତା ବଢ଼ାବାର୍ ସହେତେ ନିୟମିତ୍ ପ୍ରଶିକ୍ଷଣ୍ ଲାଗି ପରିବହନ୍ ବିଭାଗ୍‌କେ ନିର୍ଦ୍ଦେଶ୍ ଦେଲେ ମୁଖ୍ୟମନ୍ତ୍ରୀ ।

୨- ବ୍ରେଲ୍‌ର ପ୍ରଚଲନ୍ ବାବ୍‌ଦେ ସଚେତନତା ବଢ଼ାବାର୍ ଉଦ୍ଦେଶ୍ୟ‌ଥି ଆଏଜ୍ ପାଳନ୍ କରାଯାଉଛେ ବିଶ୍ୱ ବ୍ରେଲ୍ ଦିବସ୍ ।

୩- ସମ୍ବଲ୍‌ପୁର୍ ବିର୍ସା ମୁଣ୍ଡା ପଡ଼ିଆ ନ ଆଏଜ୍‌ଠାନୁ ମୁଲ୍ ହେଉଛେ ସମ୍ବଲ୍‌ପୁର୍ ଲୋକ୍‌ମହୋତ୍ସବ୍-୨୦୨୬ ।

ଆଉର୍

୪- ରାଏଜେ ଜାରି ରହିଛେ ଶୀତ୍ ଲହରୀ- ଘନାକୁହୁଡ଼ିକେ ନେଇକରି ୧୨ ଟା ଜିଲ୍ଲା ଲାଗି ସତର୍କ ସୂଚ୍‌ନା ଜାରି କଲା ପାଣିପାଗ୍ କେନ୍ଦ୍ର ।

ଦୁର୍ଘଟଣା- ମୁଖ୍ୟମନ୍ତ୍ରୀ ଭୁବ୍‌ନେଶ୍ୱର ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆମ ବସ୍ ଡ୍ରାଇଭର୍ ମାନ୍‌କର୍ ଦକ୍ଷତା ବୃଦ୍ଧି ଉପ୍‌ରେ ଜୋର୍ ଦେବାର୍ ସହେତେ ନିୟମିତ୍ ପ୍ରଶିକ୍ଷଣ୍ ଦେବାର୍ ଲାଗି ପରିବହନ୍ ବିଭାଗ୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ପ୍ରଶିକ୍ଷଣ୍ ବେଲ୍‌କେ ଡ୍ରାଇଭର୍ ମାନ୍‌କର୍ ଶାରୀରିକ୍ ଆଉ ମାନସିକ୍ ସ୍ୱାସ୍ଥ୍ୟ ଉପ୍‌ରେ ଗୁରୁତ୍ୱ ଦେବାର୍ ସହେତେ ସେମାନ୍‌କର୍ ଭିତ୍‌ରେ ସମ୍ବେଦନ୍‌ଶୀଲ୍ ମନୋଭାବ୍ ଉଜାଗର୍ କର୍‌ବାର୍ ଲାଗି ପଦକ୍ଷେପ୍ ନେବାର୍‌କେ ଶ୍ରୀ ମାଝୀ ବିଭାଗ୍‌କେ ପରାମର୍ଶ ଦେଇଛନ୍ । ବସ୍ ମାନ୍‌କର୍ ସବୁଦିନିଆ ଫିଟ୍‌ନେସ୍ ଯାଂଚ୍ ସହେତେ ଦୁର୍ଘଟଣାକେ ଅଟ୍‌କାବାର୍ ଲାଗି ସମୀକ୍ଷା କର୍‌ବାର୍‌କେ ପରିବହନ୍ ବିଭାଗ୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ଭୁବ୍‌ନେଶ୍ୱର୍ ରୂପାଲି ଛକ୍ ପାଶେ ହେଇଥିବା ଆମ ବସ୍ ଦୁର୍ଘଟଣାଥି ଝନେ ଅଟୋ ଡ୍ରାଇଭର୍‌ଙ୍କର୍ ଜୀବନ୍ ଯିବାର୍ ଘଟ୍‌ନାଥି ମୁଖ୍ୟମନ୍ତ୍ରୀ ଶୋକ ପ୍ରକାଶ୍ କର୍‌ବାର୍ ସହେତେ ମୃତକଙ୍କର୍ ପରିବାର୍ ବର୍ଗଙ୍କର୍ ଲାଗି ୪ ଲାଖ୍ ଟଙ୍କାର୍ ସାହାଜ୍ ଘୋଷ୍‌ନା କରିଛନ୍ ।

ଭିବିଜି ରାମ୍‌ଜି ଏନ୍‌ଏସ୍‌ଡି/ ସୁବର୍ଣ୍ଣପୁର୍ ସମ୍ବାଦଦାତା

ବିକଶିତ ଭାରତ୍ ରୋଜ୍‌ଗାର୍ ଆଉ ଆଜିବିକା ଗେରେଂଟି ମିଶନ୍ - ଗ୍ରାମୀଣ - ଭିବିଜି ରାମ୍‌ଜୀ ଆଇନ୍ ଶ୍ରମିକ୍ ମାନ୍‌କର୍ ସ୍ୱାର୍ଥ ରକ୍ଷାଥି ସାହାଜ୍ କର୍‌ବା ବଲି କେନ୍ଦ୍ର କୃଷି ଆଉ କୃଷକ୍ କଲ୍ୟାଣ୍ ମନ୍ତ୍ରୀ ଶିବରାଜ୍ ସିଂ ଚୌହାନ୍ କହିଛନ୍ । ନୂଆଦିଲ୍ଲୀ ନ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ଶ୍ରୀ ଚୌହାନ୍ କହିଛନ୍, ଭିବିଜି ରାମ୍‌ଜୀ ବିଲ୍‌ଥି ଶ୍ରମିକ୍‌ମାନ୍‌କର୍ ମଜୁରୀ ବଢ଼ାବାର୍ ସହେତେ ଶହେ ୨୫ ଦିନର୍ ନିଯୁକ୍ତିକେ ସୁନିଶ୍ଚିତ୍ କରାଯାଇଛେ । ଆଏବା ଆର୍ଥିକ୍ ବଛ୍‌ରେ ଇଥିର୍‌ଲାଗି ଲାଖେ ୫୧ ହଜାର୍ ୨ ଶହ ୮୨ କୋଟି ଟଙ୍କା ଖର୍ଚ୍ଚା କରାଯିବାର୍ ଲାଗି ପ୍ରସ୍ତାବ୍ ରଖାଯାଇଛେ ବଲି ଶ୍ରୀ ଚୌହାନ୍ କହିଛନ୍ ।

(ଭଏସ୍ ଓଭର୍- ଶିବରାଜ୍ ସିଂ)

ବିକଶିତ୍ ଭାରତ୍ ଜୀରାମ୍‌ଜୀ ଯୋଜ୍‌ନା ଲାଗୁ କରିକରି କେନ୍ଦ୍ର ସର୍‌କାର୍ ଶ୍ରମ ଆଉ କୃଷିକ୍ଷେତ୍ରଥି ବୈପ୍ଲବିକ୍ ପରିବର୍ତ୍ତନ୍ ଆନିଛନ୍ । ଗାଁ ଗହଲିର୍ ଅର୍ଥନୀତି ଆଉ ଚାଷ୍ କ୍ଷେତ୍ରଥି ଜୀବନ୍ ଜୀବ୍‌କାକେ ସୁନିଶ୍ଚିତ୍ କରାଯିବାର୍ ସହେତେ ଶ୍ରମଜୀବୀ ମାନ୍‌କୁ ଅଏତ୍‌କା ରୋଜ୍‌ଗାର୍ ଦେବାର୍ ଲକ୍ଷ୍ୟଥି ଇ ଯୋଜ୍‌ନା ଲାଭ୍‌ଦାୟକ୍ ହେବା ବଲି ସୁବର୍ଣ୍ଣପୁର୍ ଜିଲ୍ଲା ଶଙ୍କରା ଗ୍ରାମ୍‌ପଂଚାୟତ୍‌ର ସର୍‌ପଂଚ୍ ଅଶୋକ ପୃଷ୍ଟି କହିଛନ୍ ।

(ଭଏସ୍ ଓଭର୍- ସର୍‌ପଂଚ୍)

ବ୍ରେଲ୍ ଦିବସ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ଦୃଷ୍ଟିହୀନ ଆଉ ଆଂଶିକ୍ ଭାବେ ଦୃଷ୍ଟିଦୋଷ ଥିବା ଲୋକ୍‌ମାନ୍‌କର୍ ଲାଗି ଯୋଗାଯୋଗ୍‌ର ମାଧ୍ୟମ୍ ଭାବେ ବ୍ରେଲ୍‌ର ମହତ୍ୱ ବହୁତ୍ ଗୁରୁତ୍ୱପୂର୍ଣ୍ଣ ଆଏ । ବ୍ରେଲ୍‌ର ପ୍ରଚଲନ୍ ବାବ୍‌ଦେ ସଚେତନତା ବଢ଼ାବାର୍ ଲକ୍ଷ୍ୟଥି ଆଏଜ୍ ବିଶ୍ୱ ବ୍ରେଲ୍ ଦିବସ୍ ପାଲନ୍ କରାଯାଇଛେ । ବେଲ୍ ଲିପିର ଉଦ୍ଭାବକ ଲୁଇ ବ୍ରେଲଙ୍କର ଜନମ୍ ଦିନ୍‌କେ ସୁର୍‌ତା କର୍‌ବାର୍ ଲକ୍ଷ୍ୟଥି ଫି’ ବଛର୍ ଜାନୁଆରୀ ୪ ତାରିଖ୍‌କେ ବିଶ୍ୱ ବ୍ରେଲ୍ ଦିବସ୍ ଭାବେ ପାଲନ୍ କରାଯାଉଛେ । ବ୍ରେଲ୍ ଲିପିର୍ ଉଦ୍ଭାବକ ଲୁଇ ବ୍ରେଲ୍ ୩ ବଛର୍ ବୟସ୍‌ନୁ ଗୁଟେ ଦୁର୍ଘଟଣାଥି ନିଜର୍ ଦେଖ୍‌ବାର୍ ଶକ୍ତି ହରେଇଥିଲେ । ୧୫ ବଛର୍ ବୟେସେ ସେ ଗୁଟେ ୬ ଟା ବିନ୍ଦୁ ଥିବା ଲିପିର୍ ଉଦ୍ଭାବନ କରିଥିଲେ । ଇ ବିପ୍ଳବାତ୍ମକ ଉଦ୍ଭାବନ୍ ହିଁ ଆଏଜ୍ ବ୍ରେଲ୍ ଲିପିର୍ ନାଁଥି ପରିଚିତ ହେବାର୍ ସହେତେ ସାରା ପୁର୍‌ଥିର୍ ନ ଦୃଷ୍ଟିହୀନ୍ ମାନ୍‌କର୍ ଲାଗି ଶିକ୍ଷାର୍ ଆଧାର୍ ସାଜିଛେ । ବ୍ରେଲ୍ ଲିପି ଦୃଷ୍ଟିହୀନ୍ ଲୁକ୍‌କୁ ପଢ଼୍‌ବାର୍ ଆଉ ଲେଖ୍‌ବାର୍ ସୁଯୋଗ୍ ଦେବାର୍ ସହେତେ ସେମାନ୍‌କର୍ ସାମର୍ଥ୍ୟକେ ବିକଶିତ୍ କର୍‌ବାର୍‌ଥି ସାହାଜ୍ କର୍‌ସି । ୨୦୧୮ ମସିହାଥି ମିଳିତ ଜାତିସଂଘ ସାଧାରଣ ସଭାଥି ଇ ଦିବସ୍ ପାଲନ୍ ଲାଗି ନିଷ୍ପତି ନିଆଯାଇଥିଲା ।

ସମ୍ବଲପୁର ଲୋକ ମହୋତ୍ସବ ସମ୍ବଲପୁର ସମ୍ବାଦଦାତା

ସମ୍ବଲପୁର ବିର୍ସାମୁଣ୍ଡା ପଡ଼ିଆ ନ ଆଏଜ୍‌ଠାନୁ ସମ୍ବଲପୁର ଲୋକ ମହୋତ୍ସବ ୨୦୨୬ ମୁଲ୍ ହେଉଛେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମ୍‌ଥି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ, ପଂଚାୟତିରାଜ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ ପ୍ରମୁଖ୍ ଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ମହୋତ୍ସବ୍‌ଥି ରାଜ୍ୟ ଆଉ ରାଜ୍ୟ ବାହାରୁ ଭିନ୍ ଭିନ୍ ସାଂସ୍କୃତିକ୍ ଦଲ୍ ମାନେ ସାମିଲ୍ ହେଇଛନ୍ । ଆଏଜ୍ ସଖାଲର୍ ୯ ବଜେ ସମ୍ବଲପୁରର୍ ଅଧିଷ୍ଠାତ୍ରୀ ଦେବୀ ମା ସମଲେଶ୍ୱରୀଙ୍କର୍ ମନ୍ଦିର ନୁ  ଗୁଟେ ସାଂସ୍କୃତିକ୍ ଶୋଭାଯାତ୍ରା ବାହାରିକରି ଗଙ୍ଗାଧର ମଣ୍ଡପତକ୍ ଯାଇଥିଲା । ଶୋଭାଯାତ୍ରାକେ ଜିଲ୍ଲାପାଲ୍ ଆଉ ଜିଲ୍ଲା ସଂସ୍କୃତି ପରିଷଦ୍ ଅଧ୍ୟକ୍ଷ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର ଆନୁଷ୍ଠାନିକ୍ ଭାବେ ଉଦ୍‌ଘାଟନ୍ କରିଥିଲେ । ଶୋଭଯାତ୍ରାଥି ଲୋକ୍‌କଲାକାର୍ ସହେତେ ରାଜ୍ୟ ଆଉ ରାଜ୍ୟ ବାହାରର୍ ଭିନ୍ ଭିନ୍ ଦଲର୍ କଲାକାର ମାନେ ସାମିଲ୍ ହେଇଥିଲେ ।

ଲୋକ୍‌ମହୋତ୍ସବ୍ ଆଏବା ୬ ତାରିଖ୍‌ତକ୍ ହେବାର୍‌କେ ଥିବାର୍ ବେଲେ ୭ ଆଉ ୮ ତାରିଖ୍ ଯୁବ ମହୋତ୍ସବ୍ ହେବା । ଇତାର୍ ସହେତେ ଆଏଜ୍‌ଠାନୁ ୧୧ ତାରିଖ୍‌ତକ୍ ପଲ୍ଲିଶ୍ରୀ ମେଳା ଆଉ ଆତ୍ମନିର୍ଭର୍ ଭାରତ୍ ସ୍ୱଦେଶୀ ମେଳା ଭିଲ୍ ଆୟୋଜନ୍ କରାଯାଇଛେ ।

ଧନୁଯାତ୍ରା	ପୁରୀ ସମ୍ବାଦଦାତା

ବିଶ୍ୱପ୍ରସିଦ୍ଧ ବର୍‌ଗଡ୍ ଧନୁଯାତ୍ରା ଶେଷ୍ ହେବାର୍ ଉତ୍‌ରୁ କଂସ ମହାରାଜ୍ ପାପ୍ କାଟ୍‌ବାର୍ ଲାଗି ତାଙ୍କର୍ ମନ୍ତ୍ରୀ ପରିଷଦ୍‌ଙ୍କର୍ ସହେତେ ପୁରୀ ମହୋଦଧି ନ ବଡ଼ ପକେଇଛନ୍ । ଧନୁଯାତ୍ରାଥି କଂସ ଭୂମିକାଥି ଅଭିନୟ କରିଥିବା ସୁଶୀଲ୍ ମେହେର୍ ଅଭିନୟ ବେଲ୍‌କେ ଭଗବାନ୍ କୃଷ୍ଣ, ବଳରାମ୍‌ଙ୍କର୍ ପ୍ରତି କଡ଼ା ଶବ୍ଦ ବେଭାର୍ କରିଥିବାର୍‌ନୁ କ୍ଷମତା ପ୍ରାର୍ଥନା କରିଛନ୍ ।

(ଭଏସ୍ ଓଭର୍- ସୁଶୀଲ୍ ମେହେର୍)

ଶ୍ରୀ ମେହେର୍ ଗୋବର୍ଦ୍ଧନ୍ ପୀଠ ନ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଭେଟିକରି ଆଶିର୍ବାଦ୍ ଭିକ୍ଷା କରିଥିବାର୍ ଆମର୍ ସମ୍ବାଦଦାତା କହିଛନ୍ ।

ମହୁରୀ ମହୋତ୍ସବ	ସୁବର୍ଣ୍ଣପୁର୍ ସମ୍ବାଦଦାତା

ସାହିତ୍ୟ, ସଂସ୍କୃତି ଅନୁଷ୍ଠାନ୍ ମହୁରୀ ର ୧୮ ନମ୍ବର୍ ମହୋତ୍ସବ୍ ସୁବର୍ଣ୍ଣପୁର୍ ଜିଲ୍ଲା ସଂସ୍କୃତି ଭବନ୍ ନ ହେଇଯାଇଛେ । ସମାରୋହଥି ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟର୍ କୁଳପତି ପ୍ରଫେସର୍ ବିଧୁଭୂଷଣ୍ ମିଶ୍ର, ପ୍ରଫେସର୍ ନାରାୟଣ୍ ପଣ୍ଡା

ପ୍ରମୁଖ ଯୋଗ୍ ଦେଇକରି ସାହିତ୍ୟ, ସଂସ୍କୃତି ସମାଜ୍‌ର ଗତିକେ ଶୃଙ୍ଖଲିତ୍ କର୍‌ସି ବଲି କହିଛନ୍ । ସୁବର୍ଣ୍ଣପୁର୍ ଜିଲ୍ଲାପାଲ୍ ଡକ୍ଟର୍ ନୃପରାଜ୍ ସାହୁ ଆଉ କବି ଡକ୍ଟର୍ ପ୍ରିତିଧାରା ସାମଲ୍‌ଙ୍କୁ ଇ ବଛର୍‌ରର୍ ମହୁରୀ ସମ୍ମାନ୍ ଦିଆଯାଇଥିଲା ।

ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ମାଏଟ୍ ହେଉଛେ କଳା, ସାହିତ୍ୟ, ସଂସ୍କୃତିର୍ ମାଟି । ମହୋତ୍ସବ୍ ଜରିଏ କଳା, ସଂସ୍କୃତି ବଂଚି ରହେବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ବୌଦ୍ଧ କଚ୍‌ରୀ ପଡ଼ିଆ ନ ଚାଲିଥିବା ବୌଦ୍ଧ ମହୋତ୍ସବ୍ ଆଉ ପଲ୍ଲିଶ୍ରୀ ମେଳାର୍ ୨ ନମ୍ବର୍ ସଞ୍ଝେ ମନ୍ତ୍ରୀ ଶ୍ରୀ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ବୌଦ୍ଧ ଜିଲ୍ଲାର୍ ଐତିହ୍ୟ, ଗାରିମା ଉପ୍‌ରେ ଜୋର୍ ଦେବାର୍ ସହେତେ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଯୋଜ୍‌ନା ବାବ୍‌ଦେ ଜନେଇଛନ୍ । କାର୍ଯ୍ୟକ୍ରମ୍‌ଥି ସମବାୟ, ହସ୍ତତନ୍ତ, ବୟନଶିଳ୍ପମନ୍ତ୍ରୀ ପ୍ରଦୀପ୍ ବଳସାମନ୍ତ ଭିଲ୍ ଉପସ୍ଥିତ୍ ଥିଲେ ।

ଓଜୋନ୍ ଉତ୍ସବ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ମହିଲା ଆଉ ଶିଶୁବିକାଶ୍ ବିଭାଗ୍ ତର୍ଫୁ ପୋଷଣ୍ ଅଭିଯାନ୍ ଅଧୀନ୍‌ଥି ଜାନୁଆରୀ ୧ ନୁ ୨୫ ତାରିଖ୍‌ତକ୍ ୨ ନମ୍ବର୍ ଖେପ୍ ଓଜୋନ୍ ଉତ୍ସବ୍‌ର ଆୟୋଜନ୍ କରାଯାଉଛେ । ରାଜ୍ୟର୍ ସବୁ ଅଙ୍ଗନବାଡ଼ି କେନ୍ଦ୍ରମାନ୍‌କେ ଭିନ୍ ଭିନ୍ ବିଭାଗ୍‌ର ସହଯୋଗ୍‌ଥି ଇତାର୍ ଆୟୋଜନ୍ କରାଯାଇଛେ । ପାଖେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ମାନ୍‌କେ ୬ ବଛର୍‌ନୁ କମ୍ ବୟସର୍ ଛୁଆମାନ୍‌କର୍ ଉଜନ୍ ଆଉ ଉଛତା ମାପ୍ କରାବାର୍‌କେ ଲୁକ୍‌କୁ ବିଭାଗ୍ ତର୍ଫୁ ଅନୁରୋଧ୍ କରାଯାଇଛେ ।

ବୌଦ୍ଧ-ଆଲୋଚନାଚକ୍ର        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଳ୍‌ଙ୍କର୍ ସଦ୍‌ଭାବନା ସଭାଗୃହ ନ ବୌଦ୍ଧ ଇତିହାସ୍‌ଥି ଅସ୍ମିତା ବାବ୍‌ଦେ ଗୁଟେ ଆଲୋଚନାଚକ୍ର ହେଇଯାଇଛେ । କାର୍ଯ୍ୟକ୍ରମ୍‌କେ ଜିଲ୍ଲାପାଳ୍ ବିଭୂତି ଭୂଷଣ୍ ନାୟକ୍ ଉଦ୍‌ଘାଟନ୍ କରିଥିଲେ । ବୌଦ୍ଧ ଜିଲ୍ଲା ଗଠନ୍‌ର ୩୨ ବଛର୍ ପୁରା ହେଇଥିଲେ ଭିଲ୍ ଜିଲ୍ଲାର୍ ଇତିହାସ୍ ଅଏତ୍‌କା ମାତ୍ରାଥି ଲୋକ୍‌ମାନ୍‌କର୍ ନଜର୍‌କେ ନାଇଁ ଆସିପାରି । ସେଆଡ଼େ ଗଲାବଛର୍ ଏସିଆ ମହାଦେଶ୍‌ର ତତ୍‌ଲା ସହର୍ ଭାବେ ବୌଦ୍ଧ ୨ ନମ୍ବର୍ ନ ଥିବାର୍‌ନୁ ଚିନ୍ତାର୍ ବିଷେ ଆଏ ବଲି କାର୍ଯ୍ୟକ୍ରମ୍‌ଥି ଜିଲ୍ଲାର୍ ବୁଦ୍ଧିଜୀବୀ ଆଉ ପରିବେଶ୍‌ବିତ୍‌ମାନେ ଆଲୋଚନା କରିଥିଲେ ।

ଖଡ଼ିଆଲ୍ ରାଜା ପରଲୋକ          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ରାଜା ଜିତାମିତ୍ର ପ୍ରସାଦ୍ ସିଂହଦେଓଙ୍କର୍ ୮୦ ବଛର୍ ବୟେସେ ଆଏଜ୍ ପରଲୋକ୍ ହେଇଛେ । ଓଡ଼ିଶାର୍ ପହେଲା ସାହିତ୍ୟ ସମିତି - ଖଡ଼ିଆଲ୍ ସାହିତ୍ୟ ସମିତିର୍ ସେ ସ୍ଥାୟୀ ସଭାପତି ଥିଲେ । ଆଏବା କାଏଲ୍ ସଖାଲର୍ ୯ ବଜେ ଯୁବରାଜ୍ ଦେବ ଦେବ ସିଂହଦେଓ ରାଜ୍ୟଅଭିଷେକ୍ ହେବାର୍ ସହେତେ ରାଜାଙ୍କର୍ ଆଦେଶ୍ ଦେବାର୍ ଉତ୍ରୁ ଶେଷକୃତ୍ୟ ସମ୍ପନ୍ନ ହେବା ବଲି ଜନାପଡ଼ିଛେ ।

ଦୁର୍ଘଟଣା          ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍ପୁର୍ ଧନୁପାଲି ଥାନା ନକ୍ସାପାଲି ନୂଆଁ ଫ୍ଲାଇଓଭର୍ ପାଶେ ଗୁଟେ ସଡ଼କ୍ ଦୁର୍ଘଟଣାଥି ୩ ଝନ୍କର୍ ଜୀବନ୍ ଯାଇଛେ । ଗୁଟେ ଫ୍ଲାଏ ଆସ୍ ବୁଝେଇ ଟ୍ରକ୍କେ ଗୁଟେ କାର୍ ପଛ୍ଆଡୁ ଧକ୍କା ଦେବାର୍ନୁ ଦୁର୍ଘଟଣା ଘଟିଥିଲା । ଦୁର୍ଘଟଣା ଜାଗାଥି ୨ ଝନ୍କର୍  ଜୀବନ୍ ଯାଇଥିବାର୍ ବେଲେ ଆଉ ଝନ୍କର୍ ଚିକିତ୍ସାଧୀନ୍ ଅବସ୍ଥାଥି ମୃତ୍ୟୁ ହେଇଛେ ।

ହକି ଇଣ୍ଡିଆ ଲିଗ୍ ଆର୍ଏନ୍ୟୁ/ ସମ୍ବଲପୁର

ହକି ଇଣ୍ଡିଆ ଲିଗ୍‌ର ୭ ନମ୍ବର୍ ସଂସ୍କରଣ୍ ଗଲାକାଏଲ୍‌ନୁ ମୁଲ୍ ହେଇଛେ । ଆଏଜ୍ ମହିଲା ବର୍ଗଥି ସ୍ରାଚି ବେଙ୍ଗଲ୍ ଟାଇଗର୍ସ- ରାଂଚି ରୟାଲ୍ସକେ ୧-୦ଶୂନ୍ ଗୋଲ୍‌ଥି ହରେଇଛେ । ସେଆଡ଼େ ପୁରୁଷ ବର୍ଗଥି ସ୍ରାଚୀ ବେଙ୍ଗଲ୍ ଟାଇଗର୍ସ -ଜେଏସ୍‌ଡବ୍ଲୁ ସୁର୍‌ମା ହକି କ୍ଲବ୍‌କେ ୩-୧ ଗୋଲ୍‌ଥି ହରେଇଛେ । ଚେନ୍ନଇ ନ କଳିଙ୍ଗ ଲାନସର୍ସ ଆଉ ରାଂଚି ରୟାଲ୍ସ ଭିତ୍‌ରେ ଆଉ କିଛି ସମିଆ ଉତ୍‌ରୁ ମେଚ୍ ମୁଲ୍ ହେବା ।

ଆଏବା ୨୬ ତାରିଖ୍‌ତକ୍ ହେବାର୍‌କେ ଥିବା ଇ ପ୍ରତିଯୋଗିତା ଭୁବ୍‌ନେଶ୍ୱର, ରାଂଚି ଆଉ ଚେନ୍ନଇ ନ ହେବା । ୩ ନମ୍ବର୍ ଆଉ ଶେଷ୍ ଖେପେ ଭୁବ୍‌ନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍ ନ ଇ ମାସର୍ ୧୭ ନୁ ୨୬ ତାରିଖ୍‌ତକ୍ ମେଚ୍ ଖେଲାଯିବା ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଶୀତ୍‌ଲହରୀ ଜାରି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ, ଆଏବା ୨ ଦିନ୍ ଭିତ୍‌ରେ ରାଏଜେ ତାପମାତ୍ରାଥି ୩ ଡିଗ୍ରୀ ତକ୍ ବଢ଼ିପାରେ । ତାର୍ ଉତ୍‌ରୁ ରାତିର୍ ତାପମାତ୍ରା ୪ ଡିଗ୍ରୀତକ୍ କମ୍‌ବାର୍ ସମ୍ଭାବନା ଅଛେ ।

ଆଏବା ୨୪ ଘଂଟା ଭିତ୍‌ରେ ଘନାକୁହୁଡ଼ିକେ ନେଇକରି ସୁନ୍ଦର୍‌ଗଡ଼୍‌ ସହେତେ ୧୨ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ ।